## ଶିକ୍ଷାନୁଷ୍ଠାନ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା

# ବାଇକ୍‌କୁ ଧକ୍କା ଦେଇ ଘୋଷାଡ଼ି ନେଲା ସ୍କୁଲ ବସ୍





**ରାଇରଙ୍ଗପୁର, ୯।୪(ସମିସ)**

ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ରାଇରଙ୍ଗପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ବସ୍ ନିୟମିତ ଯାଞ୍ଚ ଅଭାବରୁ ଦୁର୍ଘଟଣା ଘଟାଉଛି। ରାଇରଙ୍ଗପୁରରେ ଏକ ସ୍କୁଲ ବସ୍ ଚାଳକ ବେପରୁଆ ଭାବେ ବସ୍ ଚାଳନା କରି ଦୁର୍ଘଟଣା ଘଟାଇଛନ୍ତି। ସ୍କୁଲ ବସ୍ ଏକ ବାଇକ୍‌କୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଛି। ତେବେ କୌଣସି ଅଘଟଣ ପୂର୍ବରୁ ବସ୍‌ରେ ଥିବା ଛାତ୍ରଛାତ୍ରୀ ବର୍ତ୍ତିଯାଇଛନ୍ତି। ଏପରି ଦୁର୍ଘଟଣା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅଁଳାଡୁବା ଅଞ୍ଚଳରେ ଘଟିଛି।

ଆଜି ପୂର୍ବାହ୍ନ ପ୍ରାୟ ୧୦.୩୦ ମିନିଟ୍ ସମୟରେ ଅଁଳାଡୁବାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କୁଲ ବସ୍ ଛାତ୍ରଛାତ୍ରୀଙ୍କୁ ନେଇଯାଉଥିଲା। ଅଁଳାଡୁବାସ୍ଥ ୱାଟକୋ କାର୍ଯ୍ୟାଳୟ ନିକଟରେ ବସ ଚାଳକ ବେପରୁଆ ଭାବେ ବସ ଚାଳନା କରି ରାସ୍ତା ଉପରେ ଛିଡା ହୋଇଥିବା ଏକ ବାଇକକୁ ଧକ୍କା ଦେଇଥିଲେ। ଚାଳକ ଜଣକ ବାଇକକୁ ଧକ୍କା ଦେବା ପରେ ମଧ ତାହା ଜାଣି ନ ପାରି ପ୍ରାୟ ୨୦୦ ମିଟର ବାଇକକୁ ଘୋଷାଡି ନେଇଥିଲେ। ସ୍ଥାନୀୟ ଲୋକମ ବସ୍‌କୁ ଅଟକାଇବାରୁ ଚାଳକ ବସ୍‌କୁ ଅଟକାଇ ଘଟଣା ବାବଦରେ ଜାଣିଥିଲେ। ସୌଭାଗ୍ୟବଶତଃ ବାଇକ୍‌ଟି ଘୋଷାଡି ହୋଇ ଯାଇଥିଲେ ସୁଦ୍ଧା ନିଆଁ ଲାଗି ନ ଥିଲା। ଫଳରେ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବାବେଳେ ଏପରି ଗାଡି ଚାଳନାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବସ ଚାଳକକୁ ରାସ୍ତା କଡ଼ର ଏକ ବିଦ୍ୟୁତ ଖୁଣ୍ଟିରେ ବାନ୍ଧି ଅଟକ ରଖିଥିଲେ। ଏହାପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ପରେ ଚାଳକକୁ ପୁଲିସ ଜିମା ଦେଇଥିଲେ। ଚାଳକ ଜଣକ ନିଶାଶକ୍ତ ଅବସ୍ଥାରେ ଥାଇ ବସ୍ ଚଳାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ନିଶାଶକ୍ତ ଅବସ୍ଥାରେ ଏପରି ବେପରୁଆ ଚାଳନା ଯୋଗୁଁ ବଡ଼ ଦୁର୍ଘଟଣାର ସମ୍ଭାବନା ରହିଛି। ରାଇରଙ୍ଗପୁର ସହରରେ ଅନେକ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ଯେଉଁଠି କି ଉନ୍ନତ ଶିକ୍ଷା ପାଇଁ ଅଭିଭାବକ ପିଲାମାନଙ୍କୁ ପଠାଉଛନ୍ତି। କିନ୍ତୁ ଛାତ୍ରଛାତ୍ରୀଙ୍କ ପରିବହନ ପାଇଁ ଥିବା ଶିକ୍ଷାନୁଷ୍ଠାନ ବସ୍‌ରେ ଏହିପରି ଅବହେଳା ପାଇଁ ଜୀବନ ବିପଦରେ ପଡୁଛି। ଏ ନେଇ ରାଇରଙ୍ଗପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନ ବସ୍ ନିୟମିତ ଯାଞ୍ଚ ପ୍ରକ୍ରିୟା କରିବାର ଆବଶ୍ୟକତା ରହିଛି। ଚାଳକଙ୍କ ଡ୍ରିଙ୍କ ଏଣ୍ଡ ଡ୍ରାଇଭ ସହ ବସ ଫିଟନେସ, ବୀମା ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିବା ଆବଶ୍ୟକ ଅଟେ। ଫଳରେ ଆଗକୁ ଦୁର୍ଘଟଣାର ମାତ୍ରା କମିବ।

- ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ
- ଡ୍ରାଇଭରକୁ ପୁଲିସ ଜିମାଦେଲେ ଲୋକେ
- ନିଶାସକ୍ତ ଅବସ୍ଥାରେ ବସ୍ ଚାଳନା ଅଭିଯୋଗ
- ନିୟମିତ ଯାଞ୍ଚ ଅଭାବରୁ ହେଉଛି ଦୁର୍ଘଟଣା

## କୁଆପଥର ମାଡ଼ରେ ୯ ପଞ୍ଚାୟତ କ୍ଷତିଗ୍ରସ୍ତ



**ମହୁଲଡିହା, ୯।୪(ସମିସ):** ଠାକୁରମୁଣ୍ଡା ବ୍ଲକରେ ୭ ତାରିଖ ଅପରାହ୍ନରେ କୁଆପଥର ମାଡ଼ରେ ପ୍ରାୟ ସମସ୍ତ ପଞ୍ଚାୟତରେ ଊଣାଅଧିକେ କ୍ଷତି ହୋଇଛି। ସେଥିରୁ ୯ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବାବେଳେ ୭ଟି ପଞ୍ଚାୟତରେ ଘରର ଛପର କ୍ଷତିଗ୍ରସ୍ତ ହୋଇଛି। ସେହିପରି ମହୁଲଡିହା ଉଚ୍ଚବିଦ୍ୟାଳୟର ଆଜବେଷ୍ଟସ ଛପର କଣା ହୋଇ ଦିନରେ ତାରା ଦେଖାଯାଉଛି। ତହସିଲଦାର ସମ୍ବିତ କର ଦେଇଥିବା ତଥ୍ୟ ଆଧାରରେ ୩ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୬୧ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୨ଟି ଘର ଅତି ଗୁରୁତର କ୍ଷତି ଘଟିଛି। ଉପଜିଲ୍ଲାପାଳ ବିଭିନ୍ନ ଗାଁ ପରିଦର୍ଶନ କରିବା ପରେ ରାଜସ୍ୱ ନିରୀକ୍ଷକ ପ୍ରତି ଗାଁରେ ସର୍ଭେ କରିଛନ୍ତି। ସମସ୍ତ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। କୃଷି ବିଭାଗ ତଥ୍ୟ ଅନୁସାରେ ଜରକ ପଞ୍ଚାୟତରେ ୫ ହେକ୍ଟର ଧାନ ଫସଲ ନଷ୍ଟ ହୋଇଛି। ସେହିପରି ମହୁଲଡିହା, ତରାମରା, ତାଳପଦା ଓ ହାତୀଗୋଡା ପଞ୍ଚାୟତରେ ଅଣଧାନ (ମକା, ମାଣ୍ଡିଆ ଆଦି) ୫.୨ ହେକ୍ଟର ଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଛି ପନିପରିବା ଓ ତରଭୁଜ। ମହୁଲଡିହା, ଜରକ, ତାଳପଦା, ପଡ଼ିଆବେଡା, ହାତୀଗୋଡା, ତରାମରା, ଭରାଣ୍ଡିଆ, ସାଲେଇବେଡା, ଠାକୁରମୁଣ୍ଡା ଆଦି ୯ଟି ପଞ୍ଚାୟତ ଅନ୍ତର୍ଗତ ଗାଁର ସମ୍ପୂର୍ଣ୍ଣ ଚାଷ ଉଜୁଡି ଯାଇଛି। ଟଙ୍କାଟିଏ ମଧ ଚାଷୀ ବଞ୍ଚାଇବାକୁ ସକ୍ଷମ ହୋଇନାହିଁ। ୨୪୩.୫ ଏକର ପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ତେବେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ବିଧାୟକ ପଦ୍ମଚରଣ ହାଇବ୍ରୁ ଚାଷ ଜମି ବୁଲି ଦେଖିବା ପରେ ସରକାରୀ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଆଧାର, ପାସବୁକ ଓ ଜମି ପଟ୍ଟା କପି ବ୍ଲକ କୃଷି ଅଧିକାରୀଙ୍କୁ ଦାଖଲ କରିବାକୁ ସୂଚନା ଦେଇଛନ୍ତି।

## ଜାତୀୟ ସ୍ତରରେ ଏକଲବ୍ୟ ସ୍କୁଲ ଛାତ୍ର ରାମଚନ୍ଦ୍ରଙ୍କ ସଫଳତା




**ରାଇରଙ୍ଗପୁର, ୯।୪(ସମିସ):** ବହଳଦାସ୍ଥ ଏକଲବ୍ୟ ବିଦ୍ୟାଳୟ ଛାତ୍ର ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଯାହାକୁ ନେଇ ଛାତ୍ର ରାମଚନ୍ଦ୍ର ହାଁସଦାଙ୍କୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରାଯାଇଛି। ସିବିଏସ୍‌ଇ ବୋର୍ଡ ଦଶମ ଶ୍ରେଣୀ ପରୀକ୍ଷା (୨୦୨୪-୨୫)ରେ ଦେଶର ସମସ୍ତ ଏକଲବ୍ୟ ବିଦ୍ୟାଳୟ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନୂଆଦିଲ୍ଲୀସ୍ଥ ଡ ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ରରେ ଜାତୀୟ ଏଜୁ୍ୟକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟସର ଅଷ୍ଟମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଉକ୍ତ ଉତ୍ସବରେ କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ସଫଳତା ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏ ଅବସରରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର, କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ ଉପସ୍ଥିତ ରହି ଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ରାମଚନ୍ଦ୍ରଙ୍କ ଏହି ସଫଳତା ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ବାରିକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଜନଜାତି ଛାତ୍ର ଭାବେ ଜାତୀୟ ସ୍ତରରେ ଏଭଳି ସଫଳତା ପାଇବା ଆଗାମୀ ଦିନରେ ଅନ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ମନ୍ତ୍ରୀ ଶ୍ରୀ ଓରାମ ପ୍ରକାଶ କରିଛନ୍ତି।

## ଆରପଟା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ



**କୁଆମରା ୯।୪(ସମିସ):** ଗୋପବନ୍ଧୁନଗର ବ୍ଲକ ଆରପଟା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ସମ୍ମାନିତ ଅତିଥି ଗୋପବନ୍ଧୁ ନଗର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସର୍ଦ୍ଦାର ସିଂ, ଟିକାୟତପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ଶାଳଖୁଣ୍ଟା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ପୃଷ୍ଟି, ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଆରପଟା କ୍ଲଷ୍ଟରର ସିଆରସିସି ସୁଶାନ୍ତ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ସିଂ ପ୍ରମୁଖ ଯୋଗଦେଇ ଜ୍ଞାନର ଭୋକ ଥିଲେ ଲକ୍ଷ୍ୟ ହାସଲ ସହଜ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ପ୍ରସାଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଜୟନ୍ତ କୁମାର ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ତୁଷାର କନ୍ୟା ଘୋଷ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର ତିନି ଚାମ୍ପିଅନ ସହ ୭୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ବେହେରା, ସୁଷମା ମଞ୍ଜରୀ ଦୀକ୍ଷିତ, ଗୀତାଞ୍ଜଳି କବାଟ, ବାସନ୍ତୀ ଦାସ, ସଂଯୁକ୍ତା ସିଂ, ହରିଶ ଚନ୍ଦ୍ର କବାଟ, ମଞ୍ଜୁଳା ସିଂ, ସଲମାମଣି ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାବା ଚନ୍ଦନେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**ବଡ଼ସାହି, ୯।୪(ସମିସ):** ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା (ବି) ଗ୍ରାମରେ ବହୁ ବର୍ଷ ଧରି ପୂଜା ପାଇ ଆସୁଥିବା ଚନ୍ଦନେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଧୂମଧାମରେ ପାଳିତ ହେଇଯାଇଛି। ବହୁ ପୁରାତନ ମନ୍ଦିରର ରକ୍ଷଣାବେକ୍ଷଣ ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ଉପଲବ୍ଧି କରି ଚିନ୍ତା କରିଥିବା ନୂତନ ମନ୍ଦିରର ପରିକଳ୍ପନା ଆଜି ବାସ୍ତବ ରୂପ ନେଇଛି। ଗ୍ରାମବାସୀଙ୍କ ସହଯୋଗରେ ସେଠାରେ ସୁନ୍ଦର ମନ୍ଦିର ନିର୍ମାଣ ସରିଛି। ସେଥିପାଇଁ ୫ଦିନ ବ୍ୟାପି ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ଏପ୍ରିଲ ୫ରେ ମଣ୍ଡପ ସଂସ୍କାର, ଅଙ୍କୁରାରୋପଣ, ମଣ୍ଡପ ବରଣ, ଗର୍ଭାଧାନ ଓ ଅଧିବାସ, ୬ ତାରିଖରେ କଳସଯାତ୍ରା, ମଣ୍ଡଳ ପୂଜନ, ସାଲା ପୂଜା ଓ ଅଗ୍ନି ସ୍ଥାପନ କାର୍ଯ୍ୟକ୍ରମ ହୋଇଥିଲା। ୭ରେ ବେଦ ପାଠ, ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡିପାଠ, ୮ ତାରିଖରେ ବେଦପାଠ, ଯଜ୍ଞ, ଚଣ୍ଡିପାଠ, ଅଧରାତ୍ରେ ଦେବତା ପ୍ରାଣ ପ୍ରତିଷ୍ଠା ଓ ୯ ତାରିଖରେ ବେଦପାଠ, ସୂର୍ଯ୍ୟପୂଜା, ଗୋପୂଜା, ଦେବତାଙ୍କ ମନ୍ଦିର ବିଜେ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ୩ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ଗହଣରେ ବୁଢାବଳଙ୍ଗ ନଦୀ ଘାଟରୁ ଘଟ ଉତ୍ତୋଳନ କରାଯାଇ କଳସ ଶୋଭାଯାତ୍ର ଗ୍ରାମ ପରିକ୍ରମା କରିଛି। ଏହି ସମୟରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ବାଣ, ରେଷଣୀ ବ୍ୟାଣ୍ଡବାଜା ଓ ଡିଜେରେ ବାବାଙ୍କ ଭକ୍ତିପୂର୍ଣ୍ଣ ରେକର୍ଡ ସଙ୍ଗୀତ ଓ ଜୟ ବାବା ଚନ୍ଦନେଶ୍ୱର ଧ୍ୱନୀରେ ଗ୍ରାମ ପ୍ରକମ୍ପିତ ହୋଇଛି। ଉତ୍ସବ ମୁଖର ହୋଇ ଉଠିଛି ଗାଁ ଓ ଆଖପାଖ ଅଞ୍ଚଳ। ଏହି ସମସ୍ତ ଘଟକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜା ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। କର୍ତ୍ତାକର୍ତ୍ତୀମାନେ ନିଷ୍ଠାର ସହିତ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ମୁଖ୍ୟ ପୂଜକଙ୍କ ନେତୃତ୍ୱରେ ବ୍ରାହ୍ମଣ ମଣ୍ଡଳୀଙ୍କ ପୂଜା ପଦ୍ଧତି ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶରେ ସୃଷ୍ଟି କରିଛି। ୫ ଧରି ଏହି ପ୍ରତିଷ୍ଠା କାର୍ଯ୍ୟ ଓ ଯଜ୍ଞ ଏବଂ ବିଧିବିଧାନ ଧୂମଧାମରେ ପାଳନ ହୋଇଛି। ୫ ଦିନ ଧରି ପୁରୀର ବାବା ଅମୃତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ ଓ ସାରେଗାମାପା, କଟକ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଗ୍ରାମାବାସୀ ଓ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଭକ୍ତମାନେ ସହଯୋଗ କରୁଛନ୍ତି।

## ବନ୍ଦ ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୯।୪(ସମିସ):** ରାଇରଙ୍ଗପୁର ଟାଉନ୍ ଥାନା ଅଞ୍ଚଳରୁ ବନ୍ଦ ଘରୁ ଦୁଇଟି ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାଇଦାପୋଷି ଗ୍ରାମର ଦୀପକ ମାଝୀଙ୍କ ସ୍ତ୍ରୀ ଜସ୍ମି ମାର୍ଣ୍ଡି (୩୧)ଙ୍କ ଘରୁ ମୃତଦେହ ଉଦ୍ଧାର କରାଯାଇଛି। ଏ ନେଇ ପରିବାର ଲୋକେ ଜାଣିବା ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତାମଲବନ୍ଧ ଗ୍ରାମର ସୁନାରାମ ମାଝୀ (୧୯)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଦେଖି ପୁଲିସକୁ ଖବର ଦେବାରୁ ମୃତଦେହ ଉଦ୍ଧାର କରିଥିଲେ। ଉଭୟଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ରାଇରଙ୍ଗପୁର ଟାଉନ୍ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ପାରିପାର୍ଶ୍ୱିକ ସ୍ଥିତି ନେଇ ଘଟଣା ବାବଦରେ ପୁଲିସ ତଦନ୍ତ ଜାରି ରହିଛି।

## ଟ୍ରାନ୍ସଫର୍ମରରୁ କୋର୍ ଓ କଏଲ ଚୋରି

**ରାଇରଙ୍ଗପୁର/କରଞ୍ଜିଆ, ୯।୪(ସମିସ):** ମହାରଦାପଳାସ ଷ୍ଟାଡିୟମ ଅଞ୍ଚଳରୁ ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର ଯଶିପୁର ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ଶଶଧର ସାହୁ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଫଳରେ ଉକ୍ତ ଗ୍ରାମର ଉପଭୋକ୍ତା ଅନ୍ଧାରରେ ଅଛନ୍ତି। ଏହାର ଆନୁମାନିକ ମୂଲ୍ୟ ୭୫, ୦୦୦ ଟଙ୍କାରୁ ଅଧିକ ଅଟେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ




**ବାରିପଦା, ୯।୪(ସମିସ):** ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଠନ ଅଭ୍ୟାସର ଜାଗ୍ରତ, ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରସାର, ଲେଖକ ଓ ପ୍ରକାଶକଙ୍କୁ ପ୍ରୋତ୍ସାହନ, ଓଡ଼ିଆ ଅସ୍ମିତାର ସଂରକ୍ଷଣ ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ କ୍ଷୀରୋଦ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ପୁସ୍ତକ ମେଳାର ସମ୍ପାଦକ ଇଂ ମନୋଜ ଦଳବେହେରା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ସଭାପତି ଡ. ସରୋଜ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁସ୍ତକର ଉପାଦେୟତା ଓ ପୁସ୍ତକ କ୍ରୟର ଆବଶ୍ୟକତା ଉପରେ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡ କେ ଲକ୍ଷ୍ମୀ ସେନାପତି, ରାଜକିଶୋର ରାଉଳ ଓ ନବୀନ ନାୟକ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।

## ତାମୁଡ଼ିଆ ଗ୍ରାମରୁ ବାଇକ୍ ଚୋରି

**ରାଇରଙ୍ଗପୁର, ୯।୪ (ସମିସ):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତାମୁଡ଼ିଆ ଗ୍ରାମରେ ବାଇକ୍ ଚୋରି ହୋଇଛି। ଏନେଇ ଭରତ ଚନ୍ଦ୍ର ହାଁସଦା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ସେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିବାବେଳେ ସମ୍ମୁଖରେ ବାଇକ୍ ପାର୍କିଂ କରିଥିଲେ। ସେଠାରୁ ଫେରି ଦେଖିବା ବେଳକୁ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ନ ପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଓଡ଼ିଆ ପକ୍ଷ



**ବାରିପଦା, ୯।୪(ସମିସ):** ଓଡ଼ିଆ ପକ୍ଷ-୨୦୨୬ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ପୁସ୍ତକ ପ୍ରଦର୍ଶନୀ ଓ ବିପଣନ କେନ୍ଦ୍ରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେ କହିଥିଲେ ଯେ ପୁସ୍ତକଠାରୁ ଭଲ ବନ୍ଧୁ କେହି ନାହିଁ। ସମସ୍ତେ ପୁସ୍ତକଟିଏ କିଣନ୍ତୁ, ପଢ଼ନ୍ତୁ ଓ ଉପହାର ଦିଅନ୍ତୁ। ଦେଖିବେ ସମାଜ ହସି ଉଠିବ। ଓଡ଼ିଆ ପକ୍ଷ ସଂଯୋଜକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସହସଂଯୋଜକ ଡ ଦୟାନିଧି ପରିଡ଼ା ଓ ଛନ୍ଦିତା ବିଶ୍ୱାଳ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ ଦୀପକ କୁମାର ବେହେରା, ଡ. ଆଶୁତୋଷ ପ୍ରୟାସ ଦାଶ, ଡ ପ୍ରିୟବ୍ରତ ବେହେରା, ଡ ବିଦ୍ୟୁତ ପ୍ରଭାତ ଦାସ ପୁସ୍ତକ କେନ୍ଦ୍ରକୁ ବୁଲି ଦେଖିବା ଓ ବହି କିଣିବା ସହ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଷ୍ଟଲରେ ଓଡ଼ିଆ ଭାଷାରେ ପ୍ରକାଶିତ ବିଭିନ୍ନ ଉପାଦେୟ ପୁସ୍ତକର ପ୍ରଦର୍ଶନ ଓ ବିପଣନ କରାଯାଇଥିଲା। କଲେଜର ବିଭିନ୍ନ ବର୍ଗର କର୍ମଚାରୀ ଓ ଛାତ୍ରଛାତ୍ରୀ ଷ୍ଟଲ ବୁଲିବା ସହ ବହି କିଣିଥିଲେ। ସମସ୍ତଙ୍କୁ ଓଡ଼ିଆ ଖାଦ୍ୟ ସଂସ୍କୃତିର ପ୍ରତୀକ ଶ୍ରୀକ୍ଷେତ୍ର ପ୍ରସିଦ୍ଧ ଟଙ୍କ ତୋରାଣୀ ପରିବେଷଣ କରାଯାଇଥିଲା। ଡ ଦିଲ୍ଲୀପ ଦଳାଇ ଓ ଧନଞ୍ଜୟ ସିଂଙ୍କ ମାର୍ଗଦର୍ଶନରେ ଭବାନୀ, ଇନ୍ଦ୍ରଜିତ, ଧନଞ୍ଜୟ, ସ୍ନିଗ୍ଧା, କ୍ରିଷ୍ଟା, ହେମଲତା, ଦେବଦତ୍ତ, ପୂର୍ଣ୍ଣିମା ଓ ଗୌତମ ଷ୍ଟଲ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ବର୍ଗର କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ବାବା ବଡ଼ାମଙ୍କ ୯୫ତମ ବାର୍ଷିକ ପୂଜା ଅବସରରେ ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ସଭା

**ବାରିପଦା, ୯।୪(ସମିସ)**



ସ୍ଥାନୀୟ ତୁଳସୀଚଉରାସ୍ଥ ପରମ ଆରାଧ ବାବା ବଡ଼ାମଙ୍କ ପୀଠରେ ୯୫ତମ ବାର୍ଷିକ ପୂଜା ମହୋତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ସଭା ପ୍ରଥମ ଦିବସରେ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ପୁରାତନ ତଥା ବରିଷ୍ଠ ସଦସ୍ୟଙ୍କ ଅବଦାନକୁ ସମ୍ମାନ ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଅଧିକାରୀ ତଥା ବିଶିଷ୍ଟ ସମାଜସେବୀ ବିଶ୍ୱଜିତ୍ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ତଥା ସମାଜସେବୀ, ଅନୁଷ୍ଠାନ ସହିତ ଦୀର୍ଘ ବର୍ଷ ଧରି ରହିଆସିଥିବା ସରୋଜ ଖୁଣ୍ଟିଆ, ୧୪ନଂ ୱାର୍ଡ କାଉନସିଲର ବିବେକାନନ୍ଦ ନାୟକ, ୨୩ ନମ୍ବର ୱାର୍ଡ କାଉନସିଲର ଅନନ୍ତ ଦାସ ଯୋଗଦେଇ ବାବାଙ୍କ ପୀଠର ମହିମା ଓ ସେବାୟତଙ୍କ ନିଷ୍ଠା ଉପରେ ଆଲୋକପାତ କରିଥିଲେ।

ପ୍ରାରମ୍ଭରେ ବାବା ବଡ଼ାମଙ୍କ ପାଖରେ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରାଯାଇଥିଲା। ସମସ୍ତ ଅତିଥି ଓ ଗ୍ରାମବାସୀଙ୍କ ଦ୍ୱାରା ଅମର ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କମିଟି ସଦସ୍ୟ ଅମିତ ମହାପାତ୍ର ସେବା ଓ ବାବା ବଡ଼ାମଙ୍କ ପ୍ରତି ଥିବା ତାଙ୍କର ନିଷ୍ଠା ବିଷୟରେ ଆଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ଏହି ପୀଠର ପ୍ରତିଟି କାର୍ଯ୍ୟରେ ସେମାନଙ୍କର ସକ୍ରିୟ ଯୋଗଦାନ ଓ ନିସ୍ୱାର୍ଥପର ଭାବ ଆମ ସମସ୍ତଙ୍କ ପାଇଁ ଏକ ଶିକ୍ଷା। ତାଙ୍କର ଅବର୍ତ୍ତମାନରେ ଆଜି ତୁଳସୀଚଉରା ଗ୍ରାମବାସୀ ଓ ପୂଜା କମିଟି ତାଙ୍କ ପ୍ରତି କୃତଜ୍ଞତା ଜଣାଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବିଶେଷ ଭାବେ ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ନାୟକ, ପ୍ରଦୀପ ଖିଲାର ଏବଂ ଚନ୍ଦ୍ରଶେଖର ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏ ଅବସରରେ ବରିଷ୍ଠ ସଦସ୍ୟ ସ୍ୱର୍ଗତ ପ୍ରଫୁଲ୍ଲ ଦେହୁରୀ, ରାଧାଶ୍ୟାମ ମହାପାତ୍ର, ସର୍ବେଶ୍ୱର ଦେହୁରୀ, ନରହରି ନାଏକ, ନିତ୍ରାନନ୍ଦ ନାଏକ, ନଦିଆ ବିହାରୀ ନାଏକଙ୍କ ପରିବାର ସଦସ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଅନୁଷ୍ଠାନର ବୟୋଜ୍ୟୋଷ୍ଠ ସଦସ୍ୟ ଦେବେନ୍ଦ୍ର ନାଏକ, ତାରାକାନ୍ତ ମହାପାତ୍ର, ଦିଲ୍ଲୀପ ବେହେରା ଓ ଭାସ୍କର ଖିଲାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସେମାନଙ୍କ ଦୀର୍ଘବର୍ଷର ଅବଦାନକୁ ସ୍ମରଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ସୁବ୍ରତ ଦାସ ସଫଳତାର ସହ ପରିଚାଳନା କରିଥିଲେ। ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପାଦନ କରିବାରେ ସଞ୍ଜୟ ବେହେରା, ଦେବାନନ୍ଦ ଜେନା, ଶାଶ୍ୱତ ପଣ୍ଡା, ସରୋଜ ଶତପଥୀ, ଅମିତ୍ ମହାପାତ୍ର, ଅବନୀ ଗିରି, ସୁମନ୍ତ ଦାସ, ତାପସ ମନ୍ତ୍ରୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ବାବା ବଡାମଙ୍କ ପୂଜା ପାଇଁ ଜଙ୍ଗଲକୁ ଯାଇ ଡାଳ ପତ୍ର ଆଣିବାକୁ ସମସ୍ତ ସଦସ୍ୟ ଯାଇଥିଲେ। ପରେ ରାତି ତମାମ ବାଥୁଡ଼ି ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ଚାଙ୍ଗୁ ମୃଦଙ୍ଗ ଢୋଲରେ ସଙ୍ଗୀତ ପରିବେଷଣ ହୋଇଥିଲା। ଦୁଇ ଦିନ ବ୍ୟାପି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ଭକ୍ତିମୟ ହୋଇଉଠିଥିଲା।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବହିହାଟ



ବାରିପଦା, ୯ ।୪(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ବହିହାଟ ସମାପନ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଯାୟୀ ମୟୂରଭଞ୍ଜ ତଥା ବହିରାଗତ ଲେଖକ ଓ ବିତରକ ମାନଙ୍କ ପ୍ରଦର୍ଶିତ ବହିହାଟରେ ୨୯ଟି ଷ୍ଟଲ୍‌ରେ ବହି ବିକ୍ରି ହୋଇଥିଲା । ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ଏହି ବହିହାଟକୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ । ପ୍ରଫେସର ମହାନ୍ତି ସାହିତ୍ୟ ଜୀବନ ସହିତ କିପରି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ସେ ବିଷୟରେ ଆଲୋକପାତ କରିବା ସହ ପୁସ୍ତକର ଡିଜିଟାଇଜେସନ ଦ୍ୱାରା ତାହା ଅଧିକରୁ ଅଧିକ ଲୋକଙ୍କୁ ପଢ଼ିବାର ସୁଯୋଗ ଦେଇପାରିବ ବୋଲି ସେ କହିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବହିହାଟରେ କୁଳସଚିବ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଭରତଚନ୍ଦ୍ର ଦେହୁରୀ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସାହିତ୍ୟ ଓ ସାଂସ୍କୃତିକ ପରିଷଦ ତରଫରୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ବାରିକ କୁଳପତି ପ୍ରଫେସର ମହାନ୍ତିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପୁଣି ପରିଷଦ ତରଫରୁ କବି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ କୁଳପତି ସମ୍ବର୍ଦ୍ଧିତ କରିଥିଲେ । ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ସହସମ୍ପାଦକ ଡ. ସ୍ୱରୁପାନନ୍ଦ ବିଷୟୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବହିହାଟରେ ଭାଗ ନେଇଥିବା ସମସ୍ତ ଲେଖକ ଓ ବିତରକଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଏ ଅବସରରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ ୪୭ ଜଣ କବି ଓ କବୟିତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅନେକ ସାହିତ୍ୟିକ, ବୁଦ୍ଧିଜୀବି, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

■ ଓଡ଼ିଆ ପକ୍ଷ

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

ଆନନ୍ଦପୁର, ୯।୪ (ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆନନ୍ଦପୁର ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ନିମାଇଁ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଲେଖକ, ପ୍ରାବନ୍ଧିକ, କବି, ସାହିତ୍ୟିକ, ଗାଳ୍ପିକ ଓ ଐତିହାସିକ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟଅତିଥି ଓ ଲେଖକ ଡକ୍ଟର ବଶିଷ୍ଠ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ଓ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ଲେଖକଙ୍କଠାରୁ ବହି କିଣିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଶ୍ରୀଲେଖା ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କାହ୍ନୁଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଅବସରପ୍ରାପ୍ତ



ଲିଉଟନାଣ୍ଟ ରଘୁଦୀପ୍ତି ନାୟକ ଓଡ଼ିଆ ଭାଷା ଆମର ପରିଚୟ ଓ ଆମେ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ଚେଷ୍ଟା କରିବା ଉଚିତ୍ ବୋଲି ମତ ରଖିଥିଲେ । ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଭଗବାନ ସାହୁ, ସଂଘମିତ୍ରା ରାଉତ, ମଧୁସ୍ମିତା ସାହୁ, ନିହାରିକା ପାତ୍ର, ପୁଷ୍ପଲତା ରାମ, ଶବିନା ଆର ବେଗମ, ଡ ରବୀନ୍ଦ୍ର ସାହୁ, ସତ୍ୟବ୍ରତ ସ୍ୱାଇଁ ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ ।

## ଭାଲୁ କାମୁଡ଼ାରେ ଯୁବକ ଗୁରୁତର



ଆନନ୍ଦପୁର, ୯।୪ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କୋଳିମାଟି ଗାଁର ମଧୁସୂଦନ ବାରିକଙ୍କ ୩୮ ବର୍ଷୀୟ ପୁଅ ପ୍ରକାଶ ସକାଳେ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇ ଏକ ଭାଲୁ କାମୁଡ଼ାରେ ଗୁରୁତର ଆହତ ହୋଇଛନ୍ତି । ହଠାତ ଏକ ଭାଲୁ ଆସି ଅତର୍କିତ ଭାବେ ପଛପଟୁ ଆକ୍ରମଣ କରିଥିଲା । ଚତୁରତାର ସହିତ ଭାଲୁ କବଳରୁ ଯୁବକ ଜଣକ ଖସି ଆସିଥିଲେ । ପରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ କିଛି ସମୟ ଚିକିତ୍ସିତ ହେବାପରେ ଅବସ୍ଥା ସଂକଟପନ୍ନ ହେବାରୁ ଯୁବକଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ମିଳୁନି ବିଦ୍ୟୁତ୍ ସେବା



କେନ୍ଦୁଝର, ୯ ।୪(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ଗ୍ରାମର ଶ୍ରୀମତୀ ମୁଣ୍ଡା ଓ ରକ୍ମିଣୀ ମୁଣ୍ଡାଙ୍କ ଦୁଇ ଆଦିବାସୀ ପରିବାର ମାଗଣା ବିଦ୍ୟୁତ୍ ସୁବିଧାରୁ ବଞ୍ଚିତ ରହିଛନ୍ତି । ଗରିବ ଆଦିବାସୀ ପରିବାର ହେଲେ ମଧ୍ୟ ସରକାରଙ୍କ ମାଗଣା ବିଦ୍ୟୁତ୍ ସେବା ଏହି ପରିବାରଦ୍ୱୟକୁ ଯୋଗାଇ ଦିଆଯାଇ ନଥିବା ଅଭିଯୋଗ ହୋଇଛି । ସନ୍ଧ୍ୟା ହେଲେ ପିଲାମାନେ ଡିବିରି ଆଲୁଅରେ ପାଠ ପଢୁଛନ୍ତି । ବିଜୁଳି ନଥିବାରୁ ଘର ଦ୍ୱାର ଚାରିପାଖ ଅନ୍ଧାର ରହୁଛି । ତୁରନ୍ତ ଏହି ଦୁଇ ଆଦିବାସୀ ପରିବାରଙ୍କୁ ମାଗଣା ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଜଳୁଛି ଅସହାୟତା ଓ ଅସନ୍ତୋଷର ନିଆଁ







ତୁରୁମୁଙ୍ଗା, ୯।୪(ସମିସ):

କାଳବୈଶାଖୀ ବିପର୍ଯ୍ୟୟ

● ପଲିଥିନ ବଣ୍ଟନ ବେଳେ ଅଧିକାରୀଙ୍କୁ ଠୁଙ୍କିଲେ ତାଲା

● ତହସିଲ ଅଫିସ ସମ୍ମୁଖରେ ଉତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା

କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବ୍ଲକର ୮ଟି ପଞ୍ଚାୟତର ୫୬ଟି ଗ୍ରାମର ୧୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ତୁରନ୍ତ କ୍ଷତିପୂରଣ ସହ ପଲିଥିନ ଯୋଗାଇବା ଦାବିରେ ଉତ୍ୟକ୍ତ ଲୋକେ ବୁଧବାର ବିଭିନ୍ନ ସ୍ଥାନରେ ରାସ୍ତାରୋକ କରିବା ସହ ତହସିଲ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ କରିଥିଲେ । ଏଥିସହ ତହସିଲ ଘେରାଉ କରିବା ସହ ତହସିଲ ସମ୍ମୁଖରେ ଅଫିସର ଚେୟାର-ଟେବୁଲ ଆଣି ଭାଙ୍ଗି ନିଆଁ ଲଗାଇ ଦେଉଥିବା ଭିଡିଓ ଭାଇରାଲ ହୋଇଛି । ଗୁରୁବାର ପଲିଥିନ ବଣ୍ଟନ ବେଳେ ଉତ୍ତେଜନା ଦେଖାଦେଇଥିଲା । ଏହାଫଳରେ ପ୍ରଶାସନିକ ସହାୟତା ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ପ୍ରଶ୍ନ ଘେରକୁ ଆସିଛି ।

ପାଟଣା ମୁଖ୍ୟାଳୟ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନ କଲ୍ୟାଣ ମଣ୍ଡପରେ ପଲିଥିନ ବଣ୍ଟନ ବେଳେ ଦୁଇ ଅଧିକାରୀଙ୍କୁ ତାଲା ଠୁଙ୍କିଥିଲେ କ୍ଷତିଗ୍ରସ୍ତ । ପଲିଥିନ ବଣ୍ଟନ ସମୟରେ କ୍ଷତିଗ୍ରସ୍ତଙ୍କୁ ଠିକ୍ ସେ ଚିହ୍ନଟ ନକରିବା ସହ ପଲିଥିନ ବଣ୍ଟନ କରୁଥିବା ଯନ୍ତ୍ରୀ ସୀତାକାନ୍ତ ବେଉରା ଏବଂ ଚାଖୁଣ୍ଡାପାଳ ଆରଆଇ ରଞ୍ଜିତା ଜେନା କ୍ଷତିଗ୍ରସ୍ତଙ୍କୁ ଦୁର୍ବ୍ୟବହାର କରିଥିବାରୁ ଲୋକେ ତାତି ଉଠି ତାଲା ଠୁଙ୍କିବା ସହ ପାଟଣା ପିପିଳିଆ ରାସ୍ତାକୁ ସ୍ୱାମ କଲ୍ୟାଣ ମଣ୍ଡପ ସମ୍ମୁଖରେ ଅବରୋଧ କରି ପ୍ରତିବାଦ କରିଥିଲେ । ଖବର ପାଇ ପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନା ଲୋକଙ୍କୁ ବୁଝାସୁଝା କରିବା ପରେ ପୁଲିସ ସହାୟତାରେ ତାଲା ଖୋଲି ଦୁଇ ଅଧିକାରୀଙ୍କୁ ଉଦ୍ଧାର କରାଯାଇଥିଲା । ଆରଆଇ ରଞ୍ଜିତା ଜେନାଙ୍କୁ ପଲିଥିନ ବଣ୍ଟନ କାର୍ଯ୍ୟରୁ ଅପସାରଣ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ସେହିପରି ମିରିଗିଖୋଜି ପଞ୍ଚାୟତ ଅସନବାହାଳି ଗାଁର ସ୍କୁଲରେ ପାଲ ବଣ୍ଟନ ବ୍ୟବସ୍ଥାରେ ଅସନ୍ତୁଷ୍ଟ ଓ ଉତ୍ୟକ୍ତ ଗ୍ରାମବାସୀ ଅଧିକାରୀଙ୍କୁ ତାଲା ପକାଇଥିଲେ । ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା, ପିଇଓ ଜଗବନ୍ଧୁ ଦେହୁରୀ, ଏଡିଓ କବିରାଜ ମହାନ୍ତ ପ୍ରମୁଖ ଅଧିକାରୀଙ୍କୁ ସ୍କୁଲ ଘରେ ବନ୍ଦ ରଖିଥିବା ବେଳେ ତହସିଲଦାର ଓ ଅତିରିକ୍ତ ତହସିଲଦାର ଖବର ପାଇ ଘଟଣାସ୍ଥଳକୁ ଆସି ପଲିଥିନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଅନ୍ୟପଟେ, ମୂଷାଖରୀ ପଞ୍ଚାୟତକୁ ଯାଉଥିବା ଏକ ପଲିଥିନ ଗାଡିକୁ ମଲ୍ଲୀପଶି-ମୂଷାଖରୀ ରାସ୍ତାର ଆହାରବନ୍ଧ ନିକଟରେ ମୂଷାନାଳୀ ଗ୍ରାମର ଉତ୍ୟକ୍ତ ଲୋକେ ପଞ୍ଚାୟତ ଅଫିସରେ ପଲିଥିନ ବଣ୍ଟନକୁ ବିରୋଧ କରି ଉକ୍ତ ସ୍ଥାନରେ ବଣ୍ଟନ ଦାବିରେ ଅଟକ ରଖିଥିଲେ । ଏଥିସହ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଘଟଗାଁ ଅତିରିକ୍ତ ତହସିଲଦାର ଠାକୁରଦାଶ ନାଏକଙ୍କୁ ଅଟକ ରଖିଥିଲେ ଉତ୍ୟକ୍ତ ଲୋକେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଆରଆଇ କାର୍ଯ୍ୟାଳୟରେ ପଲିଥିନ ବଣ୍ଟନ କରାଯାଇଥିଲା । ଏଭଳି ସ୍ଥିତିରେ ପାଟଣା ବ୍ଲକ ଅଞ୍ଚଳରେ କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ କରାଯାଇଥିବା ପାଟଣା ତହସିଲଦାର ଅଶ୍ୱିନୀ ନାଏକ କହିଛନ୍ତି । ବାଂଶପାଳ, ତେଲକୋଇ, ଘଟଗାଁ, କରଞ୍ଜିଆ, ସମେତ ବିଭିନ୍ନ ତହସିଲରୁ ୪୯୨୦ ସହ ପାଟଣା ତହସିଲ ଥିବା ୫୫ ପଲିଥିନ ମଗାଯାଇ କ୍ଷତିଗ୍ରସ୍ତଙ୍କୁ ବଣ୍ଟନ କରାଯାଉଛି । କ୍ଷୟକ୍ଷତି ଆକଳନ ପାଇଁ ଅଧିକାରୀ ମାନେ ବିଭିନ୍ନ ଅଞ୍ଚଳ ବୁଲି ସର୍ଭେ କରୁଥିବା ତହସିଲଦାର କହିଛନ୍ତି । କାଳବୈଶାଖୀ ପ୍ରଭାବରେ ପାଟଣା ମୁଖ୍ୟାଳୟରେ ଥିବା ଜିଏନ ହାଇସ୍କୁଲର ସମସ୍ତ ଶ୍ରେଣୀଗୃହର ଛପର ଉଡ଼ିଯାଇଥିବାରୁ ଗୁରୁବାର ମଧ୍ୟ ଶିକ୍ଷାଦାନ ବନ୍ଦ ରହିଛି ।

ପାଟଣା ଅଞ୍ଚଳର ଲୋକଙ୍କ ଜୀବନକୁ କାଳବୈଶାଖୀର ଭୟାବହ ପ୍ରଭାବ ଅସ୍ଥିର କରିଦେଇଛି । ପ୍ରକୃତିର ପ୍ରକୋପ ଆଗରେ ମାନବ ଜୀବନ କେତେ ଅସହାୟ, ତାହାର ଜୀବନ୍ତ ଚିତ୍ର ଏବେ ପାଟଣା ଅଞ୍ଚଳରେ ଦେଖିବାକୁ ମିଳୁଛି । କାଳବୈଶାଖୀ ସହ କୁଆପଥର ବର୍ଷାର ଭୟଙ୍କର ମାଡ଼ରେ ହଜାର ହଜାର ଘରର ଛପର ଭାଙ୍ଗି ଯାଇଥିବାରୁ ଅନେକ ପରିବାର ଗୃହହୀନ ହୋଇପଡ଼ିଛନ୍ତି । ଛୋଟ ଛୋଟ ପିଲାମାନଙ୍କୁ ନେଇ କ୍ଷତିଗ୍ରସ୍ତ ଲୋକେ ଖୋଲା ଆକାଶ ତଳେ ରାତି କାଟୁଥିବା ଦୃଶ୍ୟ ହୃଦୟବିଦାରକ । ବର୍ତ୍ତମାନ ସେମାନଙ୍କ ପାଇଁ ସରକାରୀ ସହାୟତା ସହ ପଲିଥିନ ଅତ୍ୟାବଶ୍ୟକ ହୋଇପଡ଼ିଛି ।

ବାର୍ଷିକ ଉତ୍ସବ 'ମଉଜ' ଉଦ୍‌ଯାପିତ

## 'ଶିକ୍ଷା ଭଲ ମଣିଷ ହେବାର ବାଟ ଦେଖାଏ'

ବିଶୋଇ, ୯ ।୪ (ସମିସ): ପିଏମ୍‌ଶ୍ରୀ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଚାଲିଥିବା କଳା ଓ ସଂସ୍କୃତିର ଐକିକ ସମାରୋହ ବାର୍ଷିକ ସାଂସ୍କୃତିକ ଉତ୍ସବ 'ମଉଜ-୨୦୨୬' ଉଦଯାପିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ମୋଦିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ଆଜି ଉଦଯାପନୀ ଦିବସ ସଭାରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ୍ ହାଁସଦା ଯୋଗଦେଇ ଶିକ୍ଷା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଜୀବନରେ ସଂସ୍କାର ଅପରିହାର୍ଯ୍ୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସମାଜସେବୀ କବିବିଷ୍ଣୁ ଶତପଥୀ ଯୋଗଦେଇ ଶିକ୍ଷା କେବଳ ବୃତ୍ତିଗତ ଯୋଗ୍ୟତା ପାଇଁ ଉଦ୍ଦିଷ୍ଟ ନୁହେଁ ଶିକ୍ଷା ଭବିଷ୍ୟତରେ ଭଲ ମଣିଷ ହେବାର ବାଟ ଦେଖାଏ ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ସଞ୍ଜୀବ ମହାନ୍ତି, ସମାଜସେବୀ ଜୁରିଲାଲ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜିତ ଦେଓ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ତୁଳସୀରାମ ଟୁଡୁ ପ୍ରମୁଖ ଉପସ୍ଥିତ ରହି ଆଧୁନିକ ସମାଜରେ ପରିବାର ପ୍ରତି ନିଜର କର୍ତ୍ତବ୍ୟକୁ ଭୁଲି ନ ଯିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ବିଦ୍ୟାଳୟର ଶିକ୍ଷା, କଳା, କ୍ରୀଡା ଓ ସ୍ୱଚ୍ଛତା ତଥା ବିଭିନ୍ନ କ୍ଷେତ୍ରରେ ପାରଙ୍ଗମ ଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ସାରଦା ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାନ୍ତାଳୀ, ଝୁମର, ଲୋକ କଳା, ଓଡିଶା ସଂସ୍କୃତି ପରମ୍ପରା ଐତିହ୍ୟ ବିଷୟ ବସ୍ତୁକୁ ନେଇ ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ଯୋଡ଼ା ଟ୍ରକ୍ ମାଲିକ ସଙ୍ଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଯୋଡ଼ା, ୯।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେଥିବା ଯୋଡ଼ା ଟ୍ରକ ମାଲିକ ସଙ୍ଘର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ଅବଧି ସରି ଯାଇଥିବା ବେଳେ ଆଗକୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ଅଛି । ନିର୍ବାଚନକୁ ସଠିକ ଓ ନିର୍ମଳ ଭାବେ କରିବା ପାଇଁ ସଙ୍ଘ ପକ୍ଷରୁ ଗାଡ଼ି ମାଲିକଙ୍କ ନିମନ୍ତେ ଏକ ନୋଟିସ ଜାରି କରାଯାଇଛି । ଉକ୍ତ ନୋଟିଫିକେସନ ଅନୁଯାୟୀ, ସଙ୍ଘ ଦ୍ୱାରା ପରିଚାଳିତ ହେଉଥିବା କିମ୍ବା ସଙ୍ଘରେ ପଞ୍ଜିକୃତ ସମସ୍ତ ଟ୍ରକଗୁଡିକର ପୁନର୍ବାର ନବୀକରଣ କରାଯିବ । ଏଥିନିମନ୍ତେ ସମସ୍ତ ଗାଡ଼ି ମାଲିକ ନିଜ ନିଜର ଗାଡ଼ିଗୁଡିକର ସଠିକ କାଗଜପତ୍ର ନବୀକରଣ କରାଇନେବାକୁ ସଙ୍ଘ ପକ୍ଷରୁ ଅନୁରୋଧ କରାଯାଇଛି । ସମସ୍ତ ଟ୍ରକ୍ ମାଲିକଙ୍କ ପାଇଁ ନିର୍ବାଚନ ଦୃଷ୍ଟିରୁ ଟ୍ରକ୍‌ଗୁଡ଼ିକର ନବୀକରଣ ପ୍ରକ୍ରିୟାର ଅବଧି ବଢ଼ାଇ ୧୫/୪/୨୦୨୬କୁ ରଖାଯାଇଛି । ସଙ୍ଘର ସମସ୍ତ ଟ୍ରକ୍ ମାଲିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଆରସି କପି, ସିସି କପି, ବୀମାପତ୍ର, କର ରସିଦ, ଫିଟନେସ୍ ସର୍ଟିଫିକେଟ୍ ମାଲିକଙ୍କ ପାସପୋର୍ଟ ସାଇଜ୍ ଫଟୋ (୨ଟି), ମାଲିକଙ୍କ ଆଧାର କାର୍ଡ କପି, ପାନ କାର୍ଡ କପି ସହ ଟ୍ରକଗୁଡିକର ସମସ୍ତ କାଗଜପତ୍ର ଦାଖଲ କରାଯିବ । ପରେ ସମସ୍ତ ଦାଖଲ ହୋଇଥିବା ଟ୍ରକ୍ ଦଲିଲଗୁଡିକ ଏମ୍-ପରିବହନ ପୋର୍ଟାଲ୍ ମାଧ୍ୟମରେ ଯାଞ୍ଚ କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଦଲିଲଗୁଡିକ ଦାଖଲ ନକଲେ ଗାଡ଼ି ମାଲିକ ଆଗାମୀ ନିର୍ବାଚନରେ ଭୋଟ ଅଧିକାର ହରାଇବେ ।

ସ୍କୁଲ ଭିତରେ କୋଠା ନିର୍ମାଣ

## କାମ ନସରୁଣୁ ପାଚେରି ଫାଟି ଆଁ, ଫଳକରେ ନାହିଁ ତଥ୍ୟ





ଆନନ୍ଦପୁର, ୯।୪ (ସମିସ): ସରକାରୀ ବିଦ୍ୟାଳୟ ଭିତରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚାଲିଛି କୋଠା ନିର୍ମାଣ କାମ, କିନ୍ତୁ ନାହିଁ କୌଣସି ସୂଚନା ଫଳକ, ନାହିଁ କୌଣସି ତଥ୍ୟ । ବିଦ୍ୟାଳୟ ଚାରି ପାର୍ଶ୍ୱରେ ହୋଇଥିବା ସୁରକ୍ଷା ପାଚେରି ଏତେ ନିମ୍ନମାନର ହୋଇଛି ଯେ କାର୍ଯ୍ୟ ଶେଷ ନ ହେଉଣୁ ଫାଟି କି ଆଁ କଲାଣି । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି ।

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅନ୍ତର୍ଗତ ମଧୁକେଶ୍ୱରୀ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏବେ ଚାଲିଛି ଏକ କୋଠା ନିର୍ମାଣ କାମ । ଫଳକ ପାଇଁ ଆବଶ୍ୟକ କଂକ୍ରିଟ ନିର୍ମାଣ କରି କାହିଁକି କୌଣସି କିଛି ଲେଖା ହୋଇନାହିଁ? ସେନେଇ ପ୍ରଶ୍ନ ଉଠିଛି । ସରକାରୀ ନିୟମ ଅନୁଯାୟୀ, ଯେକୌଣସି ସରକାରୀ ନିର୍ମାଣ କାମରେ ଫଳକ ଲାଗିବା ଅବଶ୍ୟକ । ଯେଉଁଠାରେ ଲେଖା ଥାଏ, କେଉଁ ବିଭାଗର କାମ, କେତେ ଟଙ୍କା ବ୍ୟୟ, କିଏ ଠିକାଦାର, କାମର ସମୟ ସୀମା କିନ୍ତୁ ଏଠାରେ ଏହି ସମସ୍ତ ତଥ୍ୟ ସଂପୂର୍ଣ୍ଣ ଗୋପନ ରଖାଯାଇଛି । ତେବେ ପ୍ରଶ୍ନ ଉଠୁଛି, ଏହି କାମ କିଏ କରୁଛି? କାହା ଅନୁମତିରେ ହେଉଛି? କେଉଁ ଅଦୃଶ୍ୟ ଶକ୍ତିର ଛତା ତଳେ ଚାଲିଛି ଏହି ନିର୍ମାଣ? ଏହା କାମର ଗୁଣଗତ୍ତା ମାନକୁ ନେଇ ଗଭୀର ସନ୍ଦେହ ସୃଷ୍ଟି କରୁଛି । ସ୍ଥାନୀୟ ଗ୍ରାମବାସୀ ଏହାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଫଳକ ନାହିଁ, କାମ କିଏ କରୁଛି ଜଣାନାହିଁ । ଏହା ସଂପୂର୍ଣ୍ଣ ସନ୍ଦେହଜନକ । ସରକାରୀ ଟଙ୍କାର ଦୁରୁପଯୋଗ ହେଉଛି, ଏହାର ତଦନ୍ତ ହେବା ଆବଶ୍ୟକ । ଏହି ଘଟଣା କେବଳ ଗୋଟିଏ ଗାଁର ସମସ୍ୟା ନୁହେଁ, ବରଂ ସରକାରୀ ବ୍ୟବସ୍ଥା ପ୍ରତି ଏକ ବଡ଼ ପ୍ରଶ୍ନ ଉଠାଉଛି । ଯଦି ଏହା ସରକାରୀ କାମ, ତେବେ କାହିଁକି ଗୋପନ? ଯଦି ନୁହେଁ, ତେବେ କିପରି ସ୍କୁଲ ପରିସରରେ ଏହା ହେଉଛି? ଏହାକୁ ନେଇ ଲୋକମାନେ 'ମହା ଘୋଟାଲା' ଅଭିଯୋଗ ଉଠାଇଛନ୍ତି । ସ୍ଥାନୀୟ ଲୋକମାନେ ଏହି ଘଟଣାର ସଂପୂର୍ଣ୍ଣ ତଦନ୍ତ, ଦୋଷୀଙ୍କ ଚିହ୍ନଟ ଓ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଘଟଣା ମଧ୍ୟ ଫାଇଲ ମଧ୍ୟରେ ଚାପି ହୋଇ ରହିଯିବ? ସେନେଇ ସନ୍ଦେହ ହୋଇଛି । ପ୍ରଶାସନ ଏହାକୁ କେତେ ଗୁରୁତ୍ୱ ସହିତ ନେଉଛି ଏବେ ଦେଖିବାକୁ ବାକି ରହିଲା ।

## ଆକାଉଣ୍ଟରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଗାଏବ୍

ବାରିପଦା, ୯ ।୪(ସମିସ): ସାଇବର ଅପରାଧୀ ଅଜାଣତରେ ଆକାଉଣ୍ଟରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଛନ୍ତି । ଠକେଇର ଶିକାର ନେଇ ମହୁଲଡିହା ଅଞ୍ଚଳର ପ୍ରହଲ୍ଲାଦ ପଣ୍ଡା ଜିଲ୍ଲା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି । ଦୁର୍ବୃତ୍ତମାନେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୨,୨୪,୪୯୭ ଟଙ୍କା ଟଙ୍କା ଉଠାଇ ନେଇଥିଲେ । ସେ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ବେଳେ ଏନେଇ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

## ସିରିଜ୍ ଦୁର୍ଘଟଣାରେ ଆହତ ପୂର୍ବତନ ନାଏବ ସରପଞ୍ଚ ମୃତ

ବଡ଼ସାହି, ୯।୪(ସମିସ): ବଡସାହି ବ୍ଲକ୍ ଅଧିନ ବଡସାହି-ମାଣତ୍ରୀ ରାସ୍ତାର ଯୋଡା ଆମ୍ବ ଛକ ନିକଟରେ ବୁଧବାର ଘଟିଥିବା ସିରିଜ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଦେଉଳିଆ ଗ୍ରାମର ରଣଜିତ କୁମାର ସାହୁ କଟକର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଛନ୍ତି । ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ଉପରେ ପଡିଥିବା ଜଣେ ବୃଦ୍ଧଙ୍କୁ ସେ ଉଦ୍ଧାର କରୁଥିବା ସମୟରେ ବେପରୁଆ ଗାଡିଚାଳନା କରି ଖୁବ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ୨୦ଫୁଟ ପାଖାପାଖି ଟାଣି ନେଇଥିଲା । ବାଇକ୍‌ରେ ଗମ୍ଭାରିଆ ଗ୍ରାମର ରଂଜୟ ପରିଡା ଓ ଆସିତ ମହାପାତ୍ରଙ୍କ ସହିତ ଅନ୍ୟ ଜଣେ ଯୁବକ ଥିବାର ଜଣାଯାଇଛି । ସମସ୍ତଙ୍କୁ ମାଣତ୍ରୀ ଡାକ୍ତରଖାନାରେ ପ୍ରାଥମିକ ଚିକତ୍ସା କରାଯାଇ ବାରିପଦା ଓ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ରଂଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ରଣଜିତ ଦେଉଳିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଥିବାବେଳେ ଜଣେ ମେଳାପି, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ତଥା ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପଟିସାରୀସ୍ଥ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ପୁଅ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ମୁଖାଗ୍ନି ଦେଇଛନ୍ତି ।



# ଉପେନ୍ଦ୍ରନାଥ ଡିଗ୍ରୀ କଲେଜରେ ସାନ୍ତାଳୀ ଭାଷା ଓ ଲିପିର ଉନ୍ନତି ଶୀର୍ଷକ ଆଲୋଚନାଚକ୍ର




ରାସଗୋବିନ୍ଦପୁର, ୯।୪(ସମିସ):

ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଉପେନ୍ଦ୍ରନାଥ ଡିଗ୍ରୀ କଲେଜରେ 'ସାନ୍ତାଳୀ ଭାଷା, ସାହିତ୍ୟ ଓ ଲିପିର ବିକାଶ' ବିଷୟରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମଟି ଉତ୍ସାହ ଓ ଗମ୍ଭୀରତା ସହ ଆୟୋଜିତ ହୋଇଥିଲା । ଦୂରଦୂରାନ୍ତ କ୍ଷେତ୍ରରୁ ଅତିଥିଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ଦ୍ୱାରା ସ୍ୱାଗତ କରାଯାଇଥିଲା । ସଭା ଆରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ଙ୍କ ପୌରାହିତ୍ୟ କ୍ରମେ ଅଲଚିକି ଲିପି ର ପ୍ରତିଷ୍ଠାତା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ, ବିର୍ସା ମୁଣ୍ଡା ଓ ଶୀଦୋ କାନ୍‌ହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡଃ ପ୍ରବୀର କୁମାର ପଟ୍ଟନାୟକ ଏହାର ସଭାପତିତ୍ୱ କରିବା ସହିତ ସମସ୍ତ ଅତିଥିଙ୍କୁ ସମ୍ବୋଧନ କରି ସାନ୍ତାଳୀ ଭାଷାର ଐତିହ୍ୟ ଓ ତାହାର ଉନ୍ନତି ପ୍ରତି ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ ଟ୍ରଷ୍ଟର କୋଷାଧ୍ୟକ୍ଷ ଆଲୋକ ବାସ୍କେ ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଶ୍ରୀମତୀ ସଲମା ମୁର୍ମୁ (ବିଦ୍ୟା ଭାରତୀ ବିଶ୍ୱବିଦ୍ୟାଳୟ, କୋଲକାତାରେ ଗବେଷଣାବିତ) ସାନ୍ତାଳୀ ଭାଷାର ଇତିହାସ ଓ ଅଲଚିକି ଲିପିର ଆଧୁନିକ ପରିପ୍ରେକ୍ଷୀରେ ଗୁରୁତ୍ୱ ଉପରେ ସୁନ୍ଦର ଭାବରେ ଆଲୋଚନା କରିଥିଲେ । ଇଂରାଜୀ ବିଭାଗ ମୁଖ୍ୟ ଅନନ୍ତ ମୁର୍ମୁ ପୂର୍ବବର୍ଷର ଆଲୋଚନାର ସମୀକ୍ଷା ପ୍ରଦାନ କରିଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଦେବାଶଙ୍କର ମାରାଣ୍ଡି ସମସ୍ତ ଅତିଥିଙ୍କ ପରିଚୟ ଦେଇଥିଲେ ।

ଓଡ଼ିଆ ବିଭାଗ ମୁଖ୍ୟ ଡଃ ଅବନୀକାନ୍ତ ଗିରି ମୟୂରଭଞ୍ଜର କଳା, ସଂସ୍କୃତି ସହିତ ସାନ୍ତାଳୀ ସାହିତ୍ୟର ଗାଥାକୁ ସୁନ୍ଦର ଭାବେ ଆଲୋକପାତ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଶିକ୍ଷକ ତଥା ବିଶିଷ୍ଟ ଯୁବ ସମାଜସେବୀ ତୋଫାନ କୁମାର ହେମ୍ବ୍ରମ ତାଙ୍କର ଓଜସ୍ୱିନୀ ବକ୍ତୃତା ମାଧ୍ୟମରେ ଯୁବପିଢ଼ିଙ୍କୁ ଭାଷାର ବ୍ୟବହାର ଓ ଏହାର ଗଣମାଧ୍ୟମରେ ସାର୍ବଜନୀନ ପ୍ରଚାର ଓ ପ୍ରସାର ଯୁବବର୍ଗଙ୍କ ପାଇଁ ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଛାତ୍ରନେତା ଚାନ୍ଦ ତାରାସ୍ ମାରାଣ୍ଡି ମଧ୍ୟ ଏହି ଅଲଚିକି ଲିପିକୁ କିପରି କୃତ୍ରିମ ବୁଦ୍ଧିମତ୍ତାରେ ସାମିଲ କରାଇପାରିବେ ଓ ଗଣମାଧ୍ୟମରେ ଏହାର ଆଦୃତି ଲାଭ କରିପାରିବ, ସେ ବିଷୟରେ ଆଲୋକପାତ କରିଥିଲେ ଅନ୍ୟ ଅତିଥିଙ୍କ ମଧ୍ୟରେ ସଂଯୁକ୍ତା ନାୟକ, ଔରପ୍ରସାଦ ପରିଡ଼ା ଯୋଗ ଦେବା ସହିତ ଏହି ଭାଷାର ଗାରିମାକୁ ସର୍ବଶ୍ରେଷ୍ଠ କରାଇବା ଦିଗରେ ଯତ୍ନବାନ ହେବା ଆବଶ୍ୟକତା ଅଛି ବୋଲି ବାର୍ତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳତାରେ ଛାତ୍ରଛାତ୍ରୀ ଶିବାନନ୍ଦ ମାରାଣ୍ଡି, ଗଣେଶ କିସ୍କୁ, ଫୁଲମଣି ସୋରେନ୍, ହୀରା ହାଁସଦା, ସୀତା ମୁର୍ମୁ ଓ ସୋଲାନି ଟୁଡୁଙ୍କର ମୂଲ୍ୟବାନ ସହଯୋଗ ରହିଥିଲା । ଏ ଅବସରରେ ଛାତ୍ରନେତା ଶିବାନନ୍ଦ ମାରାଣ୍ଡି ନିଜ ମତାମତ ରଖି କହିଥିଲେ, ଅଧିକାଂଶ କଲେଜର ଆଦିବାସୀ ଛାତ୍ରଛାତ୍ରୀ ପିକନିକ୍, ସ୍ୱାଗତ ଓ ବିଦାୟ ସଭାରେ ମାତ୍ର ସୀମିତ ରହି ନାଚଗୀତରେ ନିଜକୁ ଆବଦ୍ଧ କରୁଛନ୍ତି । ସେମାନେ ଆହୁରି କହିଥିଲେ, ଛାତ୍ରଛାତ୍ରୀ ନିଜ ସମାଜର ଶିକ୍ଷାଗତ ଉନ୍ନତି ଉପରେ ଗମ୍ଭୀର ଭାବେ ଚିନ୍ତା କରିବା ଦରକାର, କାରଣ ଆଜିର ଯୁବ ସମାଜ ହେଉଛି ଆଗାମୀ ଦିନର ଭବିଷ୍ୟତ । ଏହି ଆଲୋଚନା ଚକ୍ର ସାନ୍ତାଳୀ ଭାଷା ଓ ଓଲଚିକି ଲିପିର ସୁରକ୍ଷା ଓ ବିକାଶ ପାଇଁ ଏକ ନୂତନ ଦିଗ ଦେଖାଇଥିବା ବୋଲି ବିଭିନ୍ନ ବୁଦ୍ଧିଜୀବୀ ଏବଂ ଭାଷାବିତ୍ ମନେ ମତ ପ୍ରକାଶ କରିଛନ୍ତି ।

